ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ଅଗଷ୍ଟ ୨୦

# ଟ୍ରମ୍ପଙ୍କ ଧମକ ଅଗ୍ରହଣୀୟ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଭାରତୀୟ ସାମଗ୍ରୀର ଆମଦାନୀ ଉପରେ ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପଙ୍କ ୨୫ ପ୍ରତିଶତ ଟାରିଫ (ଶୁଳ୍କ) ଏବଂ ରୁଷରୁ ଅସ୍ତ୍ରଶସ୍ତ୍ର ଓ ଅଶୋଧିତ ତୈଳ କିଣିବା ଉଠା ଘଟଣାରେ କ୍ଷୁବ୍ଧ ହୋଇ ଜରିମାନା ଘୋଷଣା ନେଇ ବିସ୍ମିତ ହେବାର କିଛି କାରଣ ନାହିଁ, କି'ୁ ଚି'ାଜନକ । ଭାରତ-ଆମେରିକା ମଧ୍ୟରେ ମୁକ୍ତ ବାଣିଜ୍ୟ ଆଲୋଚନା ସଫଳତା ଦିଗରେ ଅଗ୍ରସର ହେଉଥିବା ସମୟରେ ଟ୍ରମ୍ପଙ୍କ ଏଭଳି ଘୋଷଣା ଏଥିରେ ଏକ ପ୍ରକାର ପୂର୍ଣ୍ଣଚ୍ଛେଦ ଟାଣିଦେଇଛି । ତେବେ ଭାରତୀୟ ସାମଗ୍ରୀ ପାଇଁ ବିଶ୍ୱର ସର୍ବବୃହତ ବଜାର ଭାବେ ପରିଚିତ ଆମେରିକାର ଜଣେ ପ୍ରତିନିଧି ଆହୁରି ଅଧିକ ଆଲୋଚନାର ଆବଶ୍ୟକା ଥିବା ଦର୍ଶାଇଥିବାବେଳେ ଭାରତ ଆଲୋଚନା ଏବେ ବନ୍ଦ କରିଦେଇଛି । କି'ୁ ଏହା ନିସନ୍ଦେହ ଯେ, ଏହି ବାଣିଜ୍ୟ ଆଲୋଚନା ଉଭୟ ଦେଶପାଇଁ ଲାଭ ଦାୟକ ଥିଲା । ପ୍ରଥମ ଆମେରିକାର ସାମଗ୍ରୀ ଓ ସେବା ପାଇଁ ଭାରତୀୟ ବଜାର ଉନ୍ମୁକ୍ତ ହେବା ସହ ଭାରତୀୟ ସାମଗ୍ରୀ ଆମେରିକାରେ ଅବାଧ ପ୍ରବେଶ କରିବାରେ ସମର୍ଥ ହୋଇଥା'ା । ଉଲ୍ଲେଖଯୋଗ୍ୟ ଯେ, ୨୦୨୪-୨୫ ଆର୍ଥୀକ ବର୍ଷ(ଏପ୍ରିଲରୁ ମାର୍ଚ୍ଚ)ରେ ଆମେରିକାକୁ ଭାରତ ୮୬.୫ ବିଲିଅନର ସାମଗ୍ରୀ ରପ୍ତାନୀ କରିଥିଲା, ଯାହାକି ଅନ୍ୟ କୌଣସି ଦେଶ ତୁଳନାରେ ସର୍ବାଧିକ ଥିଲା । ସେହିପରି ଆମେରିକାରୁ ଭାରତ ଏହି ଅବଧି ମଧ୍ୟରେ ୪୫.୭ ବିଲିଅନ ଡଲାରର ଆମଦାନୀ କରିଥିଲା, ଯାହାକି ଚୀନ, ରୁଷ ଏବଂ ୟୁଇଏଠାରୁ କମ୍ ଥିଲା । ତେବେ ବାଣିଜ୍ୟ ଚୁକ୍ତି ବନ୍ଦ ହେବା ନିଶ୍ଚିତ ଭାବେ ଦୁଇଦେଶ ପାଇଁ ହିତକାରକ ନୁହେଁ । କି'ୁ ଏହା ନିସନ୍ଦେହ ଯେ, ଭାରତ ସମେତ ବିଶ୍ୱର ବହୁ ରାଷ୍ଟ୍ର ସାମଗ୍ରୀ ଉପରେ ଟ୍ରମ୍ପଙ୍କ ମନଇଚ୍ଛା ଶୁଳ୍କ ଘୋଷଣା ତାଙ୍କ ଅପରିପକ୍ୱ ଚି'ାଧାରାର ସନ୍ଦେଶ ଦିଏ । ଏଭଳି ପଦକ୍ଷେପ ଦ୍ୱାରା ଉଭୟ ରାଷ୍ଟ୍ର କ୍ଷତିଗ୍ରସ୍ତ ହେବେ । ଅତ୍ୟଧିକ ଶୁଳ୍କ ଯୋଗୁଁ କୌଣସି ରାଷ୍ଟ୍ର ଆମେରିକାକୁ ତା'ର ଚାହିଦା ସ୍ୱରୁପ ଆଉ ସାମଗ୍ରୀ ରପ୍ତାନୀ ନକରିବା ଆଶଙ୍କା ରହିଛି । ଯାହାର ପରିଣତି ସ୍ୱରୁପ ଆମେରିକାରେ ଦରଦାମ ବଢିବ । ସେହିପରି ରପ୍ତାନୀ କରିନପାରିବା ଦେଶ ଗୁଡ଼ିକରେ ଅର୍ଥନୀତି କ୍ଷତିଗ୍ରସ୍ତ ହେବ । ଏହା ସତ୍ୟ ଯେ, ଦେଶର ଚାଷୀଙ୍କ ସ୍ୱାର୍ଥ ରକ୍ଷା ଲାଗି ଆମେରିକାରୁ କୃଷି ଓ ଦୁଗ୍ଧଚାଷ ଉତ୍ପାଦ ଆମଦାନୀ ଉପରେ ଭାରତର ପ୍ରତିବନ୍ଧକ ଜାରି ରହିଛି । ଏହି ପ୍ରତିବନ୍ଧକ ହଟାଇବା ଆମେରିକାର ମୁଖ୍ୟ ଲକ୍ଷ୍ୟ ଥିଲା ମାତ୍ର ଏବେ ଟ୍ରମ୍ପଙ୍କ ୨୫ପ୍ରତିଶତ ଟାରିଫ ଓ ଜରିମାନା ଯୋଗୁଁ କେବଳ ବାଣିଜ୍ୟ ସମ୍ପର୍କ କ୍ଷୁର୍ଣ୍ଣ ହୋଇନାହିଁ, ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସୁସମ୍ପର୍କରେ ଭଟ୍ଟା ପଡିବା ଆଶଙ୍କା ସୃଷ୍ଟି ହୋଇଛି । ପ୍ରଥମତଃ ଟ୍ରମ୍ପ-ମୋଦୀ ବନ୍ଧୁତ୍ୱ ଭାଙ୍ଗି ଯାଇଥିବା କୁହାଯାଇପାରେ । ଉଲ୍ଲେଖଯୋଗ୍ୟ ଯେ, ଗତ ଦୁଇ ଦଶନ୍ଧି ମଧ୍ୟରେ ଭାରତ ଆମେରିକା ମଧ୍ୟରେ ବିଭିନ୍ନ ସ୍ତରରେ ସମ୍ପର୍କରେ ଉନ୍ନତି ଘଟିଥିଲା । ଦୁଇଦେଶ ମଧ୍ୟରେ ଆଣିବିକ ଚୁକ୍ତି ଠାରୁ ଆରମ୍ଭ କରି ଖଣିଜ ଯୋଗାଣ, ୧୦ବର୍ଷିଆ ପ୍ରତିରକ୍ଷା ପାଟନରସିପ୍ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ସେହିପରି ଟ୍ରମ୍ପଙ୍କ ଏହି ଘୋଷଣା ଯୋଗୁଁ ଭାରତ ମଧ୍ୟ କ୍ଷତିଗ୍ରସ୍ତ ହେବ । ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ୦.୨ରୁ ୦.୫ ପ୍ରତିଶତ ପ୍ରଭାବିତ ହେବା ଆଶଙ୍କା ରହିଛି । ବିଶେଷ କରି ଅଟୋମୋବାଇଲ, ଅଟୋ ଯନ୍ତ୍ରାଂଶ, ଟେକ୍ସଟାଇଲ, ଇସ୍ପାତ, ଆଲୁମିନିୟମ, ସ୍ମାର୍ଟଫୋନ, ସୋଲାର ମଡ୍ୟୁଲ, ସାମୁଦ୍ରିକ ଉତ୍ପାଦ, ରତ୍ନ ଓ ଆଭୂଷଣ କ୍ଷେତ୍ର ଏହି ଶୁଳ୍କ ଯୋଗୁଁ ପ୍ରଭାବିତ ହେବା ନେଇ ଆଶଙ୍କା କରାଯାଏ । ଭାରତୀୟ ସାମଗ୍ରୀ ଉପରେ ଟାରିଫ ମାଡ ଯୋଗୁଁ ନିଯୁକ୍ତି ବଜାର କ୍ଷତିଗ୍ରସ୍ତ ହୋଇପାରେ । ଉଦାହରଣ ସ୍ୱରୁପ ରତ୍ନ ପଥର ଓ ଜୁଏଲାରୀ କ୍ଷେତ୍ରରେ ୫ନିଯୁତ ଲୋକ ନିଯୁକ୍ତି ପାଇଥିବାବେଳେ ଆମେରିକାକୁ ୧୧ ବିଲିଅନ ଡଲାରର ରପ୍ତାନୀ କରିଥିଲା । ଏବେ ଏହି ବଜାର ଏକ ପ୍ରକାର ଅଚଳ ହେବା ସମ୍ଭାବନା ରହିଛି । ଉଲ୍ଲେଖଯୋଗ୍ୟ ଯେ, ଗତ ମାସରେ ଆମେରିକାରେ ଭାରତୀୟ ସାମଗ୍ରୀର ରପ୍ତାନୀ ୨୩.୫ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଇଣ୍ଡଷ୍ଟ୍ରିଆଲ ଆଉଟପୁଟ ଅଭିବୃଦ୍ଧି ୧.୫% ଥିଲା । ଏଥିରୁ ଆମେରିକାରେ ଭାରତୀୟ ଉତ୍ପାଦର ଚାହିଦା କେତେ ରହିଛି, ସ୍ପଷ୍ଟ ବୁଝାପଡେ । ଅନ୍ୟପକ୍ଷରେ ଭାରତର ବନ୍ଧୁ ରୁଷଠାରୁ ତୈଳ ଓ ପ୍ରତିରକ୍ଷା ଅସ୍ତ୍ରଶସ୍ତ୍ର କିଣା ବନ୍ଦ ନକଲେ ଜରିମାନା ଲାଗୁ କରିବା ପାଇଁ ଟ୍ରମ୍ପ ଯେଉଁ ଧମକ ଦେଇଛ଼ନ୍ତି, ତାହା ଆଦୌ ଗ୍ରହଣୀୟ ନୁହେଁ । ଭାରତ ସରକାର ମଧ୍ୟ ଏ ନେଇ ସ୍ଥିର ଓ ଅଟଳ ରହିଛ଼ନ୍ତି, ତାହା ସୁସ୍ପଷ୍ଟ । ଭବିଷ୍ୟତରେ ପାକିସ୍ଥାନ ଭାରତକୁ ତୈଳ ବିକିବା ନେଇ ଟ୍ରମ୍ପ ଯେଉଁ ଅସ୍ଫାଳନ କରିଛ଼ନ୍ତି, ତାହା କେବଳ ତାଙ୍କର ଅହଂକାରକୁ ଦର୍ଶାଉନାହିଁ, ବାଚାଳମୀର ପ୍ରମାଣ ଦେଉଛି । ସେହିପରି ଭାରତର ଅର୍ଥନୀତିକୁ ମୃତ କହିବା ଟ୍ରମ୍ପଙ୍କ ମତିଭ୍ରମର ଆଉ ଏକ ସଂକେତ । ପୂର୍ବରୁ ପାକିସ୍ଥାନ ଆମେରିକାର ବନ୍ଧୁ ରାଷ୍ଟ୍ର ଥିଲା । ତେବେ ସେତେବେଳେ କ'ଣ ଲାଭ ପାଇଥିଲା । ଟ୍ରମ୍ପ ଆତ୍ମସମୀକ୍ଷା କରିବା ଜରୁରୀ । କାହାର ଧମକରେ ଭାରତ କେବେ ମୁଣ୍ଡ ନୂଆଇଁ ନଥିଲା କି ଭବିଷ୍ୟତରେ ମୁଣ୍ଡ ନୂଆଁଇବ ନାହିଁ । ଭାରତ ଏବେ ବିଶ୍ୱର ତୃତୀୟ ବୃହତ ଅର୍ଥନୈତିକ ଶକ୍ତି ହୋଇଥିବାବଳେ ସର୍ବବୃହତ ଗଣତାନ୍ତ୍ରୀକ ଓ ସାର୍ବଭୌମତ୍ୱ ରାଷ୍ଟ୍ର ଭାବେ ପରିଚିତ । ଭାରତ ସହ ଶତୃତା କେବଳ ଟ୍ରମ୍ପଙ୍କ ଅପରିଣାମଦର୍ଶୀ ନୁହେଁ ପାଗଳାମିର ପରିଚୟ ଦେଉଛି, ଏଥିରେ ସନ୍ଦେହ ନାହିଁ ।

*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ,*

# ଲାଲକିଲ୍ଲାରୁ ବିକଶିତ ଭାରତର ରୋଡ଼ମ୍ୟାପ


ଗୋପାଳ ମହାପାତ୍ର

ଏଥର ଭାରତର ୭୯ତମ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଦେଇଥିବା ସମ୍ବୋଧନର ଅନେକ ଅର୍ଥ ରହିଛି । ଏପରିକି ପୂର୍ବ ବର୍ଷ ମାନଙ୍କରେ ଦେଇଥିବା ସମ୍ବୋଧନ ଅପେକ୍ଷା ଏହା ଭିନ୍ନ ଥିଲା । ପ୍ରଥମତଃ ପ୍ରଧାନମନ୍ତ୍ରୀ ଏଥର ୧୦୩ମିନିଟ୍‌ର ଏକ ଲମ୍ୱା ଭାଷଣ ଦେଇଥିଲେ । ତାଙ୍କ ଭାଷଣରେ ଉଦ୍‌ବୋଧନ ଏବଂ ପ୍ରଖରତା ଥିଲା । ପ୍ରଧାନମନ୍ତ୍ରୀଙ୍କ ଭାଷଣରେ ସ୍ପଷ୍ଟତା ଥିଲା । ଘୋଷଣାରେ ସୂଚନା ନଥିଲେ ମଧ୍ୟ ଏକ ସ୍ପଷ୍ଟ ଦୂରଦର୍ଶିତା, ଠୋସ୍ ଚେତାବନୀ ଏବଂ ବ୍ୟବହାରିକ ରୋଡ଼ମ୍ୟାପର ଝଲକ ଥିଲା । ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ଭାଷଣରେ ୧୦ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଥିଲେ । ତାଙ୍କ ଭାଷଣରେ ଆତ୍ମନିର୍ଭରତା, ସୁରକ୍ଷା ଏବଂ ଏକତାର କଥା ଥିଲା । ୨୦୪୭ ର ବ୍ଲୁପ୍ରି□ କଥା କହିବା ସହ ଆସନ୍ତା ୨୨ବର୍ଷ ମଧ୍ୟରେ ଭାରତର ଅର୍ଥବ୍ୟବସ୍ଥା ୧୦ଟ୍ରିଲିୟନ ଡ଼ଲାରରେ ପହଂଚିବ ବୋଲି କହିଲେ । ପାକିସ୍ତାନକୁ ମଧ୍ୟ ଲାଲକିଲ୍ଲାରୁ ସ୍ପଷ୍ଟ ଚେତାବନୀ ଦେଇଥିଲେ । ପ୍ରଧାନମନ୍ତ୍ରୀଙ୍କ ଏହି ଭାଷଣ ପୂର୍ବର ଭାଷଣ ଠାରୁ ଭିନ୍ନ ବୋଲି କହିବାର ଅର୍ଥ ହେଉଛି ପୂର୍ବରୁ ପ୍ରଧାନମନ୍ତ୍ରୀ ଅଗଷ୍ଟ ୧୫ରେ ଯେଉଁ ଭାଷଣ ଦେଉଥିଲେ ବା ଯେଉଁ ଯୋଜନା କଥା କହୁଥିଲେ ସେଇ ଯୋଜନାକୁ ୫ ରୁ ୧୦ବର୍ଷ ମଧ୍ୟରେ କାର୍ଯ୍ୟକାରୀ କରିବା କଥା କହୁଥିଲେ । କିନ୍ତୁ ଏଥର ତାଙ୍କ ଯୋଜନା କାର୍ଯ୍ୟକାରୀ କରିବାର ଅବଧି ଆସନ୍ତା ଦୀପାବଳୀ ଥିଲା । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଦେଶବାସୀଙ୍କୁ ଆଗାମୀ ଦୀପାବଳୀରେ ଡ଼ବଲ ଖୁସି ମିଳିବ । ଯୁବବର୍ଗଙ୍କ ପାଇଁ ବିକଶିତ ଭାରତର ନୂଆ ରୋଜଗାର ସୃଜନ ମଧ୍ୟ ତୁରନ୍ତ ଲାଗୁ କରାଯିବ ବୋଲି କହିଥିଲେ । ଏକଥା ସତ୍ୟ ଯେ ପ୍ରଧାନମନ୍ତ୍ରୀଙ୍କ ଭାଷଣ ଶୈଳୀ ମନମୋହକ, ଆକର୍ଷକ ଏବଂ ଏଥର ଭାଷଣରେ ସେ 'ଦେଶ' ଶବ୍ଦକୁ ୨୦୫ଥର ବ୍ୟବହାର କରିଥିଲେ, ଆତ୍ମନିର୍ଭର ଶବ୍ଦକୁ ୨୨ଥର ଏବଂ କୃଷକ ଶବ୍ଦକୁ ୨୭ଥର ଉଚ୍ଚାରଣ କରିଥିଲେ । ରାଷ୍ଟ୍ରବାଦ ଏବଂ ସ୍ୱାବଲମ୍ବନ ତାଙ୍କ ଭାଷଣର ଦୁଇଟି ସ୍ଥାୟୀ ମୂଲ୍ୟ ଥିଲା ।

ପ୍ରଧାନମନ୍ତ୍ରୀ ମୋଦୀ ଅପରେସନ ସିନ୍ଦୁର ପରେ ଦେଶବାସୀଙ୍କୁ ସମ୍ବୋଧନ କଲାବେଳେ ଯେପରି ଭାବରେ ପ୍ରତିରକ୍ଷା ଏବଂ ରାଷ୍ଟ୍ରୀୟ ସୁରକ୍ଷାର ପ୍ରସଙ୍ଗ ଉଠାଇଥିଲେ ତାହା ତାଙ୍କ ଭାଷଣର ସବୁଠାରୁ ଅଧିକ ଭାବନାତ୍ମକ ଏବଂ ଶକ୍ତିଶାଳୀ ଅଂଶ ଥିଲା । ମୋଦୀ ଭାରତର ଆଗମୀ ପିଢ଼ୀଙ୍କ ସୁରକ୍ଷା ପାଇଁ ସ୍ୱଦେଶୀ ସୁରକ୍ଷା ପ୍ରଣାଳୀ 'ସୁଦର୍ଶନ ଚକ୍ର ମିଶନ'ର ଘୋଷଣା କରିଥିଲେ । ଏହାକୁ ଇସ୍ରାଏଲର 'ଆଇରନ ଡ଼ୋମ'ର ଭାରତୀୟ ସଂସ୍କରଣ ବୋଲି କୁହାଯାଉଛି । ଏତଦ୍ ବ୍ୟତୀତ ପ୍ରଧାନମନ୍ତ୍ରୀ ଅପରେସନ ସିନ୍ଦୁରର ଉଲ୍ଲେଖ କରି ସୈନିକଙ୍କ ଧୈର୍ଯ୍ୟକୁ ସଲାମ କରିଥିଲେ ଏବଂ ପାକିସ୍ତାନକୁ କଡ଼ା ସନ୍ଦେଶ ଦେଇ ଆତଙ୍କବାଦ ଏବଂ ହିଂସାକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ । ସିନ୍ଧୁ ଜଳ ବୁଝାବଣା ପ୍ରସଙ୍ଗରେ ସେ କରିଥିଲେ ଯେ 'ରକ୍ତ ଏବଂ ପାଣି ଏକ ସଙ୍ଗରେ କହିପାରିବନାହିଁ' । ପ୍ରଧାନମନ୍ତ୍ରୀ ଆଭ୍ୟ'ରୀଣ ସୁରକ୍ଷାକୁ ମଧ୍ୟ ଜୋର ଦେଇଥିଲେ । ତାଙ୍କ ଭାଷଣରେ 'ହାଇ ପାୱାର ଡ଼େମୋଗ୍ରାଫି ମିଶନ୍'ର ଘୋଣଣା କରିଥିଲେ । ଏହା ଅବୈଧ ପ୍ରବାସିଙ୍କ ଉପରେ ନିୟନ୍ତ୍ରଣ ଏବଂ ସଂଶାଧନକୁ ଭାରତୀୟଙ୍କ ପାଇଁ ସଂରକ୍ଷିତ କରିପାରିବ । ତାଙ୍କର ଏହି ବୟାନ ପୂର୍ବୋଦୟ ରାଜ୍ୟ ଏବଂ ପଶ୍ଚିମବଙ୍ଗଳାର ଅବୈଧ ଅନୁପ୍ରବେଶକାରୀ ଙ୍କ ଉଦ୍ଦେଶ୍ୟରେ ଥିଲା । ଅନୁପ୍ରବେଶକାରୀ ଯୋଗୁଁ ସୀମାବର୍ତୀ ରାଜ୍ୟରେ ଜନସଂଖ୍ୟା ଅସନ୍ତୁଳନକୁ ନେଇ ମୋଦୀ ଚି'ା ପ୍ରକଟ କରିବା ସହ ବିହାରର ଭୋଟର ତାଲିକା ସଂଶୋଧନ ମଧ୍ୟ ତାଙ୍କ ଭାଷଣରେ ସ୍ଥାନ ପାଇଥିଲା ।

ଭାଷଣ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ସମ୍ବିଧାନର ଗୁରୁତ୍ୱ କଥା କହିବା ସହ ଐତିହାସିକ ବ୍ୟକ୍ତିତ୍ୱ ମାନଙ୍କୁ ଶ୍ରଦ୍ଧାଳି ଦେଇଥିଲେ । ତାଙ୍କ ଭାଷଣରେ ଗାନ୍ଧୀ, ନେହେରୁ, ଭଗତ ସିଂହ, ଚନ୍ଦ୍ରଶେଖର ଆଜାଦ ଏବଂ ନେତାଜୀଙ୍କୁ ସ୍ଥାନ ମିଳିଥିଲା । କି'ୁ ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ବ୍ୟାପକ ଚର୍ଚ୍ଚା କରିବା ସହ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ବାବଦରେ ସାରଗର୍ଭକ ଭାଷଣ ଦେଇଥିଲେ । ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ କହିଥିଲେ ଯେ ଆମ ମହାପୁରୁଷମାନଙ୍କର ଯୋଗଦାନ କେବଳ ଦେଶର ସ୍ୱାଧିନତା ପାଇଁ ଗୁରୁତ୍ୱପୂର୍ଣ୍ଣ ନଥିଲା ବରଂ ରାଷ୍ଟ୍ରୀୟ ଏକତା ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଥିଲା । ତାଙ୍କ ଭାଷଣରେ ଅନେକ ଭାବନାତ୍ମକ ପ୍ରସଙ୍ଗ ଥିଲା ଓ ଭାରତର ଭାଷାଜନିତ ବିବିଧତା ଏବଂ ସାଂସ୍କୃତିକ ସ୍ଥଳର ପ୍ରସଙ୍ଗ ମଧ୍ୟ ଥିଲା । ବିଦ୍ୟୁତ୍, ଶକ୍ତି ଏବଂ ମହାକାଶ କ୍ଷେତ୍ରରେ ସ୍ୱଦେଶୀ ପ୍ରୟାସ କଥା ଉଲ୍ଲେଖ ତାଙ୍କ ଭାରତକୁ ବିଶ୍ୱ ମାନଚିତ୍ରରେ ଟେକ୍‌ନିକ୍ ଏବଂ ବୈଜ୍ଞାନିକ କ୍ଷେତ୍ରରେ ଏକ ଅଗ୍ରଣୀ ଦେଶଭାବେ ସ୍ଥାପିତ କରିବା ପାଇଁ ସେ ଯୁବବର୍ଗଙ୍କୁ ଆହ୍ୱାନ କରିଥିଲେ । ବିଶ୍ୱସ୍ତରରେ ଭାରତର ଉପଲବ୍ଧିକୁ ରେଖାଙ୍କିତ କରି ଭାରତ ନିଜର ସ୍ୱାର୍ଥରକ୍ଷା କରିବା ସହ ବିଶ୍ୱର ହିତ ସାଧନ କରିବ ବୋଲି କହିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ସ୍ପଷ୍ଟ କରିଦେଇଥିଲେ ଯେ ଭାରତ ବିଶ୍ୱସ୍ତରରେ ନେତୃତ୍ୱର ଦାୟୀତ୍ୱ ନେବା ପାଇଁ ମଧ୍ୟ ପ୍ରସ୍ତୁତ । ପ୍ରଧାନମନ୍ତ୍ରୀଙ୍କ ଭାଷଣରେ ସ୍ୱାବଲମ୍ବନ ପାଇଁ ଅଧିକ ପିନିବେଶ, ଜିଏସ୍‌ଟି ବ୍ୟବସ୍ଥାକୁ ସୁଧାରିବା ଦିଗରେ ରାଜ୍ୟମାନଙ୍କର ସହମତି ଏବଂ ରୋଜଗାର ସୃଜନ ପାଇଁ ପର୍ଯ୍ୟାପ୍ତ ସଂଶାଧନ ଯୋଗାଡ଼ କରିବାର କଥା ମଧ୍ୟଥିଲା ।

ମୋଟାମୋଟି ଭାବେ ଦେଶରେ ସ୍ୱାଧୀନତା ଦିବସରେ ଲାଲକିଲ୍ଲାରୁ ପ୍ରଧାନମନ୍ତ୍ରୀ ଯେଉଁ ଭାଷଣ ଦେଇଥିଲେ ସେଥିରେ ବିକଶିତ ଭାରତ ପାଇଁ ଏକ ସ୍ପଷ୍ଟ ରୋଡ଼ମ୍ୟାପ ଥିଲା । ଏହାକୁ ଆଗାମୀ ଦିନରେ କେତେକ ରାଜ୍ୟରେ ହେବାକୁଥିବା ନିର୍ବାଚନ ପାଇଁ ଏକ ଆକର୍ଷକ ଦସ୍ତାବିଦ୍ ଥିଲା ବୋଲି ଅନେକ କହିପାରନ୍ତି ଓ ଯୁକ୍ତି ଦର୍ଶାଇ ପାରନ୍ତି । କିନ୍ତୁ ପ୍ରଧାନମନ୍ତ୍ରୀ ଯେପରିଭାବେ ତାଙ୍କ ଭାଷଣରେ ମଧ୍ୟମବର୍ଗ ଏବଂ ଯୁବବର୍ଗଙ୍କ ପ୍ରସଙ୍ଗକୁ ରୋଖାଙ୍କିତ କରିଥିଲେ, ରାଷ୍ଟ୍ରୀୟ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ ତାକୁ ଦେଖିଲେ କୁହାଯାଇପାରେ ଯେ ତାଙ୍କ ଭାଷଣ ଭାବନାତ୍ମକ ରାଷ୍ଟ୍ରବାଦ ଏବଂ ଭାରତର ଭବିଷ୍ୟତର ଏକ ମିଶ୍ରଣ ଥିଲା ।

*ରାମଚନ୍ଦ୍ରପୁର*
*ରଣପୁର*
*ମୋ.-୯୪୩୮୪୮୫୦୯୪*

# କର୍ଣ୍ଣାଟକ ସରକାରଙ୍କ ବିବାଦୀୟ ବିଧେୟକ ଓ ତୁଷ୍ଟୀକରଣ ନୀତି


ଡ. ସମନ୍ୱୟ ନନ୍ଦ

କର୍ଣ୍ଣାଟକର ସିଦ୍ଧାରମେୟାଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ଦ୍ୱାରା ରୋହିତ ବେମୁଲା ବିଲକୁ ପାରିତ କରିବାକୁ ପ୍ରୟାସରତ ଅଛନ୍ତି । ଏହି ବିବାଦୀୟ ବିଲକୁ ନେଇ ଦେଶରେ ବିତର୍କ ଆରମ୍ଭ ହୋଇଯାଇଛି । ଏହି ବିବାଦୀୟ ବିଲ ପଛର ରହସ୍ୟ କଣ ଓ ଏହାର ଅସଲ ଉଦ୍ଦେଶ୍ୟ କଣ ସେ ସମ୍ପର୍କରେ ଆମେ ଏହି ଲେଖାରେ ବିଶ୍ଳେଷଣ କରିବା ।

ଏହି ବିଲ ଉପରେ ଆଲୋଚନା କରିବା ପୂର୍ବରୁ ଆମେ ଇତିହାସର ପୃଷ୍ଠାକୁ ଓଲଟାଇବା । ଏହି ଇତିହାସ ସେତେଟା ପୁରୁଣା ନୁହେଁ । ନରେନ୍ଦ୍ର ମୋଦୀ ସରକାର କ୍ଷମତାରେ ଆସିବାର ପୂର୍ବର ଇତିହାସ । ସେତେବେଳେ ମନମୋହନ ସିଂହ ଦେଶର ପ୍ରଧାନମନ୍ତ୍ରୀ ଥିଲେ । ତେବେ କ୍ଷମତାର ପ୍ରକୃତ ଡୋରି କଂଗ୍ରେସ ସଭାପତି ସୋନିଆ ଗାନ୍ଧୀଙ୍କ ହାତରେ ଥିଲା । ସେତେବେଳେ ସୋନିଆ ଗାନ୍ଧୀ ଏକ ସମାନ୍ତରାଳ କ୍ଷମତା କେନ୍ଦ୍ର ସୃଷ୍ଟି କରି ତାର ଅଧକ୍ଷା ଥିଲେ । ଏହି କ୍ଷମତା କେନ୍ଦ୍ରର ନାମ ଥିଲା ରାଷ୍ଟ୍ରୀୟ ପରାମର୍ଶଦାତା ସମିତି ଅଥବା ଏନଏସି । ଏହି ସମିତିର ସଦସ୍ୟ ମାନଙ୍କ ମଧ୍ୟରେ ଯୋଗେନ୍ଦ୍ର ଯାଦବ, ହର୍ଷ ମନ୍ଦର ପରି ବ୍ୟକ୍ତିବିଶେଷ ମାନେ ଥିଲେ । ସେତେବେଳେ ସୋନିଆ ଗାନ୍ଧୀଙ୍କ ନେତୃତ୍ୱାଧୀନ ଓ ଯୋଗେନ୍ଦ୍ର ଯାଦବ, ହର୍ଷ ମନ୍ଦରଙ୍କ ସଦସ୍ୟମାନଙ୍କ ଦ୍ୱାରା ଏକ ନୂତନ ଆଇନ ପ୍ରଣୟନ ପାଇଁ ଡ୍ରାଫ୍ଟ କରା ଯାଇଥିଲା ।

ଯଦି ସେହି ଡ୍ରାଫ୍ଟ ସେତେବେଳେ ଆଇନରେ ପରିଣତ ହୋଇଥାନ୍ତା ସେତେବେଳେ କୌଣସି ସ୍ଥାନରେ ହିଂସା ହେଲେ ହିନ୍ଦୁ ମାନଙ୍କୁ ଦୋଷୀ ବୋଲି ସ୍ୱୀକାର କରାଯାଇଥାନ୍ତା । କୌଣସି ଦଙ୍ଗାଗ୍ରସ୍ତ ଅଂଚଳରେ ହିନ୍ଦୁ ପୀଡିତ ହେଲେ ସୁଦ୍ଧା ସେମାନଙ୍କୁ ଦୋଷୀ ବୋଲି ଧରା ଯାଇଥାନ୍ତା । ମାତ୍ର ସେତେବେଳେ ଏହି ପ୍ରସ୍ତାବିତ ଆଇନକୁ ପ୍ରବଳ ବିରୋଧ ହୋଇଥିଲା । ଏହି କାରଣରୁ କଂଗ୍ରେସ ସରକାର ଏହାକୁ ଆଇନରେ ପରିଣତ କରି ପାରି ନ ଥିଲେ ।

ଏବେ କର୍ଣ୍ଣାଟକ ସରକାର ଦ୍ୱାରା ପ୍ରସ୍ତାବିତ ରୋହିତ ବେମୁଲା ବିଧେୟକରେ ସେହିଭଳି ବ୍ୟବସ୍ଥା ମାନ ରହିଛି । ଏହି ବିଧେୟକର ଘୋଷିତ ଉଦ୍ଦେଶ୍ୟ ଏସସି-ଏସଟି-ଓବିସି ଓ ସଂଖ୍ୟାଲଘୁ ସଂପ୍ରଦାୟର ଛାତ୍ରଙ୍କୁ ସାମାଜିକ-ଆର୍ଥିକ ଓ ଧାର୍ମିକ ପୃଷ୍ଠଭୂମି ଆଧାରରେ ହେଉଥିବା ଅନ୍ୟାୟ ବିରୁଦ୍ଧରେ ସଂରକ୍ଷଣ ପ୍ରଦାନ କରିବା ରହିଛି । କିନ୍ତୁ ଏହାର ବାସ୍ତବିକତା ଘୋଷିତ ଉଦ୍ଦେଶ୍ୟ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏଥିରେ ଅନୁସୂଚିତ ଜାତି, ଜନଜାତି ଓ ଓବିସି ବର୍ଗର ଛାତ୍ର ଛାତ୍ରୀ ମାନଙ୍କର ସୁରକ୍ଷା କଥା କୁହା ଯାଇଥିଲେ ସୁଦ୍ଧା ବାସ୍ତବରେ ଏହାର ଲକ୍ଷ୍ୟ ମୁସଲମାନ ମାନଙ୍କର ତୃଷ୍ଟିକରଣ କରିବା ।

ଏବେ ସ୍ୱାଧୀନତା ପୂର୍ବର ଇତିହାସ ଉପରେ ଦୃଷ୍ଟିପାତ କରିବା । ଦେଶ ସ୍ୱାଧୀନ ହେବା ପୂର୍ବରୁ କଂଗ୍ରେସରେ ସମସ୍ତ ବିଚାରଧାରାର ଲୋକ ମାନେ ସାମିଲ ଥିଲେ । କଂଗ୍ରେସର ଅଧିବେଶନରେ ରାଜନୈତିକ ପ୍ରସ୍ତାବ ପାରିତ କରାଯିବା ସହ ସାମାଜିକ ପ୍ରସ୍ତାବ ମାନ ମଧ୍ୟ ପାରିତ କରାଯାଉଥିଲା । ଛୁଆଁ- ଅଛୁଆଁ ଭେଦ ଭାବ ପରି ବିଷୟ କିଭଳି ସମାଜକୁ ବିଭାଜିତ କରୁଛି ଓ ଦେଶର ଏକତା ପାଇଁ କିଭଳି ବ୍ୟାଘାତ ସୃଷ୍ଟି କରୁଛି ସେ ନେଇ ମଧ୍ୟ ସାମାଜିକ ପ୍ରସ୍ତାବ ପାରିତ କରାଯାଉଥିଲା । ହେଲେ ପୁଣେ ଅଧିବେଶନ ସମୟରେ କଂଗ୍ରେସର ନେତା ମାନେ କହିଲେ ଯେ ସାମାଜିକ ବିଷୟ ଆଲୋଚନା କରାଯିବା ଦ୍ୱାରା ସମାଜରେ ବିଭାଜନ ହେଉଛି ଯେଉଁ କାରଣରୁ ଦେଶକୁ ଏକାଠି କରି ସ୍ୱାଧୀନ କରିବାରେ ଅନ୍ତରାୟ ସୃଷ୍ଟି ହେଉଛି । ତେଣୁ ସାମାଜିକ ବିଷୟ ଉପରେ ଆଲୋଚନା ନ କରାଯାଇ କେବଳ ରାଜନୈତିକ ସ୍ଥିତି ଉପରେ ଆଲୋଚନା ହେବ ।

ସେତେବେଳେ ବାବା ସାହେବ ଆମ୍ବେଡକର ଏହାକୁ ନେଇ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ । ସେ କହିଥିଲେ ଯେ ମୋର ଦୃଢ ମତ ଯେ ଦେଶର ଉନ୍ନତି କରିବା କଂଗ୍ରେସର ଲକ୍ଷ୍ୟ ନୁହେଁ ବରଂ କ୍ଷମତା ହାସଲ କରିବା ହିଁ କଂଗ୍ରେସର ମୂଳ ଲକ୍ଷ୍ୟ । ବାବା ସାହେବ ଆମ୍ବେଡକର ଜଣେ ଦୂର ଦ୍ରଷ୍ଟା ଥିଲେ । ସେ କଂଗ୍ରେସ ଦଳର ନେତା ମାନଙ୍କର କ୍ଷମତାଲିପ୍ସାକୁ ଭଲ ଭାବେ ଦେଖି ପାରୁଥିଲେ । ବାବା ସାହେବ ଆମ୍ବେଡକରଙ୍କର ଏହି ବକ୍ତବ୍ୟ ସେତେବେଳେ ସତ୍ୟ ପ୍ରମାଣିତ ହେଲା ଯେତେବେଳେ କଂଗ୍ରେସ ଭାରତର ବିଭାଜନର ପ୍ରସ୍ତାବକୁ ଅନୁମୋଦନ ଦେଇଥିଲା । ବାବା ସାହେବ ଯାହା ପୂର୍ବରୁ କହିଥିଲେ ତାହା ଅକ୍ଷରେ ଅକ୍ଷରେ ସତ୍ୟ ପ୍ରମାଣିତ ହେଲା । କଂଗ୍ରେସ ଦଳ ଯଦି ଚାହିଁ ଥାନ୍ତା ତେବେ ଦେଶର ବିଭାଜନକୁ ରୋକା ଯାଇ ପାରି ଥାନ୍ତା । କିନ୍ତୁ କ୍ଷମତା ପାଇବାର ମୋହରେ କଂଗ୍ରେସ ନେତା ମାନେ ଦେଶର ବିଭାଜନ କରିବାକୁ ସ୍ୱୀକାର କରି ନେଲେ । ପରବର୍ତୀ ସମୟରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ଜବାହର ଲାଲ ନେହେରୁ ମଧ୍ୟ ଏହି କଥାକୁ ସ୍ୱୀକାର କରିଥିଲେ । ସେ କହିଥିଲେ ଯେ ଦେଶର ବିଭାଜନକୁ ଅଟକା ଯାଇ ପାରିଥାନ୍ତା । ହେଲେ ଏଥିରେ ଭାରତ ସ୍ୱାଧୀନ ହେବାରେ ଆଉ କିଛି ବର୍ଷ ଲାଗି ଯାଇଥାନ୍ତା । ତାଙ୍କର ଏହି କଥାରୁ ସ୍ପଷ୍ଟ ହେଉଛି ଯେ ଦେଶର ବିଭାଜନକୁ ରୋକା ଯାଇ ପାରି ଥାନ୍ତା । ହେଲେ ଏପରି କରିବା ଦ୍ୱାରା ଦେଶ ସ୍ୱାଧୀନ ହେବାରେ ଆଉ କିଛି ବର୍ଷ ଲାଗିଥାନ୍ତା ଓ ତାଙ୍କର କ୍ଷମତା ପ୍ରାପ୍ତି କରିବାରେ ବିଳମ୍ବ ହୋଇଥାନ୍ତା । ତେଣୁ କଂଗ୍ରେସ ଦଳ ପାଇଁ ଶୀଘ୍ର କ୍ଷମତା ହାସଲ କରିବା ଅଧିକ ଆବଶ୍ୟକ ଥିଲା , ଦେଶର ବିଭାଜନକୁ ରୋକିବା ତାଙ୍କ ଅଗ୍ରାଧିକାରରେ ନ ଥିଲା ।

ଦେଶ ବିଭାଜନ ବେଳେ ବାବା ସାହେବଙ୍କ ଭବିଷ୍ୟବାଣୀ ସତ୍ୟ ପ୍ରମାଣିତ ହୋଇଥିଲା । ସ୍ୱାଧୀନତା ପାଇବା ପରେ ମଧ୍ୟ ବାବା ସାହେବଙ୍କ ଭବିଷ୍ୟତବାଣୀ ବାରମ୍ବାର ସତ୍ୟ ପ୍ରମାଣିତ ହୋଇ ଆସିଛି । କଂଗ୍ରେସ ଦଳର ମୁସଲମାନ ତୁଷ୍ଟିକରଣ ପାଇଁ ଭାରତ ବିଭାଜନ ହୋଇଥିଲା । ଦେଶ ସ୍ୱାଧୀନ ହେବା ପରେ ମଧ୍ୟ କଂଗ୍ରେସ କ୍ଷମତା ହାସଲ କରିବାକୁ ବାରମ୍ବାର ମୁସଲମାନ ତୁଷ୍ଟିକରଣକୁ ନିଜର ପ୍ରମୁଖ ଆୟୁଧ କରି ଆସିଛି । ଦେଶର କ୍ଷତି ତାଙ୍କ ପାଇଁ ଆଦୌ ଗୁରୁତ୍ୱ ରଖେ ନାହିଁ । ତୁଷ୍ଟିକରଣ କରି ଦେଶର କ୍ଷତି ସାଧନ ସତ୍ତ୍ୱେ କଂଗ୍ରେସ କ୍ଷମତା ହାସଲ କରିବାକୁ ବାରମ୍ବାର ଚେଷ୍ଟା କରି ଆସିଛି । ସ୍ୱାଧୀନ ଭାରତର ଇତିହାସରେ ଏହାର ଅନେକ ଉଦାହରଣ ଆମେ ଦେଖିବାକୁ ପାଇବା ।

କର୍ଣ୍ଣାଟକ ସରକାରଙ୍କ ଦ୍ୱାରା ମୁସଲମାନମାନଙ୍କର ତୁଷ୍ଟିକରଣ କରିବାକୁ ଜାଣି ଶୁଣି ମାଇନରିଟି ଶବ୍ଦକୁ ବିଧେୟକରେ ଯୋଡା ଯାଇଛି । ଏପରି କରି କଂଗ୍ରେସ ଦଳ ଭାରତରେ ମୁସଲମାନ ମାନଙ୍କୁ 'ଶୋଷିତ' ବୋଲି ବର୍ଗୀକରଣ କରିବା ସହ ହିନ୍ଦୁ ମାନଙ୍କୁ 'ଶୋଷକ' ବୋଲି ପ୍ରମାଣିତ କରିବାକୁ ଅପଚେଷ୍ଟା କରିଛି । ଏହା ଠାରୁ ଅଧିକ କ୍ରୁର ଉପହାସ କଣ ବା ହୋଇ ପାରେ ।

ମୁସଲମାନ ତୁଷ୍ଟିକରଣ କାରଣରୁ କଂଗ୍ରେସ ଦୀର୍ଘ ଦିନ ଧରି ମୁସଲମାନ ମାନଙ୍କର ଭୋଟ ହାସଲ କରି କ୍ଷମତା ହାସଲ କରିବାରେ ସଫଳ ହେଉଥିଲା । ହେଲେ ପରବର୍ତୀ ସମୟରେ ସମାଜବାଦୀ ପାର୍ଟି, ରାଷ୍ଟ୍ରୀୟ ଜନତା ଦଳ ଓ ଅନ୍ୟ ରାଜନୈତିକ ଦଳ ମାନେ ମୁସଲମାନ ମାନଙ୍କର ଭୋଟ ପାଇବାରେ ସଫଳ ହେବାରେ ଲାଗିଲେ । ଏହାର ଦୁଷ୍ପରିଣାମ ସ୍ୱରୂପ କଂଗ୍ରେସ ଧୀରେ ଧୀରେ କ୍ଷମତାରୁ ଦୂର ହେବାରେ ଲାଗିଲା । ତେଣୁ ସୋନିଆ ଗାନ୍ଧୀଙ୍କ କଂଗ୍ରେସ ଏବେ ପୁଣି ଥରେ ସେହି ତୁଷ୍ଟିକରଣର ଜୋରଦାର ଖେଳ ଆରମ୍ଭ କରିଛନ୍ତି । କଂଗ୍ରେସ ଦଳର ନେତୃବୃନ୍ଦ ଭଲ ଭାବେ ଜାଣିଛି ଏହି ବିଧେୟକ ଆଇନରେ ପରିଣତ ହେଲେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିବାଦ ହେବ । ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବିବାଦ ବଢିବ । ଏହା ଦ୍ୱାରା ଶୈକ୍ଷଣିକ ବାତାବରଣ ଖରାପ ହେବ । ଏହା ସତ୍ତ୍ୱେ ସେମାନେ ଏହି ବିବାଦୀୟ ବିଲକୁ ପାରିତ କରିବାକୁ ଅଗ୍ରସର ହେଉଛନ୍ତି । କାରଣ ସମାଜରେ କୌଣସି ପ୍ରକାର ଅଶାନ୍ତି ନ ହେଉ ଏହା ଚିନ୍ତା କରିବାକୁ ସେମାନେ ଚାହାନ୍ତି ନାହିଁ । ସେମାନେ ଜାଣନ୍ତି ଯେ ଏହା ଦ୍ୱାରା ଶୈକ୍ଷଣିକ ଅନୁଷ୍ଠାନରେ ଅଶାନ୍ତି ହୋଇ ଯେଉଁ ବିଷ ବାହାରିବ ସେହି ବିଷରୁ ଦଳକୁ ରାଜନୈତିକ ଲାଭ ହେବ । ଏହା ଜରିଆରେ କଂଗ୍ରେସ କ୍ଷମତାକୁ ଫେରି ପାରିବ । ସ୍ୱାଧୀନତା ପୂର୍ବରୁ ବାବା ସାହେବ ଆମ୍ବେଡକରଙ୍କର ବକ୍ତବ୍ୟ ସଠିକ ବୋଲି ପ୍ରମାଣିତ ହୋଇଥିଲା । ଆଜି ଏତେ ବର୍ଷ ପରେ ମଧ୍ୟ ବାବା ସାହେବଙ୍କ ବକ୍ତବ୍ୟ ସଠିକ ବୋଲି ପ୍ରମାଣିତ ହେଉଛି ।

# ବଣିକ ରାଜା


ଉତ୍କଳାନନ୍ଦ ଅଜୟ କୁମାର ବେହେରା

'ବ୍ରାହ୍ମଣ ରାଜା ଖଣ୍ଡ ପରଜା' ଏ ଉକ୍ତିଟି କେବେ ଠାରୁ ଅଛି । ହେଲେ ଏହା ଏବେ ଜଳଜଳ ଦିଶୁଛି । ଖଂଟ ପରଜା, ଏହା ଅର୍ଥ ହତିଆରଧାରୀ ପରଜା ଯେଉଁମାନେ ଉଗ୍ରପନ୍ଥୀ, ଲୁଚି ଛପି ରାଜତନ୍ତ୍ରର ବହୁ ମୂଲ୍ୟବାନ ଧନ ଜୀବନ ତାଙ୍କ ଉଦ୍ଦେଶ୍ୟ ସିଦ୍ଧି ପାଇଁ ଅପହରଣ ବିନଷ୍ଟ କରୁଛନ୍ତି । ବ୍ରାହ୍ମଣ ରାଜା ଥିଲେ ରାବଣ ଯାହାଙ୍କ ପାଇଁ ମହାକ୍ଷତ୍ରୀୟ ଶ୍ରୀରାମଙ୍କୁ ଲୋକେ ଦେଖିଲେ । ପର୍ଶୁରାମ ବ୍ରାହ୍ମଣ କୂଳ ସମ୍ଭୁତ ସେତ ୨୧ ବାର ଭାରତରେ ତତ୍କାଳ ବେପରୁଆ ରାଜ ଶାସନ ଚଳାଉଥିବା ରାଜ ଶକ୍ତିକୁ ତଛନଛ କରିଥିଲେ । ରାଜ ଅନ୍ତକାରୀ ରାଜା ହେବା କଥା ମାତ୍ର ବିଚିତ୍ର ଶ୍ରୀରାମ କିଷ୍କିନ୍ଧା ରାଜା ବଳୀଙ୍କୁ ଓ ଲଙ୍କା ରାଜା ରାବଣଙ୍କୁ ଅନ୍ତ କରିଥିଲେ ବି ସେଠାରେ ରାଜା ହୋଇ ନାହାଁନ୍ତି । ଯଥାର୍ଥରେ ପର୍ଶୁରାମ କ୍ଷତ୍ରୀୟ ବୋଲାଉଥିବା କ୍ଷେତ୍ରପତି ମାନଙ୍କୁ ନିର୍ମୁଳ କରିବା ପରେ ସେ ରାଜ୍ୟ ଗୁଡ଼ିକୁ କଶ୍ୟପଙ୍କୁ ଦାନ କରି ଦେଇ ଥିଲେ । କଶ୍ୟପଙ୍କ ରାଜ୍ୟ ଥିଲା କାଶ୍ମୀର ଏହାର ମୂଳଭୂମି ଗୋତ୍ର ପ୍ରବର୍ତକ କଶ୍ୟପଙ୍କ ପରବର୍ତୀ କାମ ଥିଲା ପର୍ଶୁରାମ ଦାନୀୟ ଭୂମିର ବ୍ୟବସ୍ଥା ସହେ ରାଜବଂଶର ଦାୟଦଙ୍କୁ ଖୋଜି ନୂତନ ଅଭିଷିକ୍ତ କରି କ୍ଷେତ୍ରର ଅଧିପତି କରିବା । ରାଜତନ୍ତ୍ର ନରହିଲେ ମଜା କାହାଣେ ହୋଇପାରେ । ରାଜତନ୍ତ୍ରର ଦଣ୍ଡନୀତି ବାଘ ବକ୍ରୀଙ୍କୁ ଏକ ଘାଟରେ ପାଣି ପିଆଏ ।

ଭାସ୍କର ପଣ୍ଡିତ ମହାରାଷ୍ଟ୍ରର ବର୍ଗୀ ନେତା ସେ ଏପରି ଲୁଟ ଶାସନ ତାଙ୍କର ହତିଆର ଧାରୀ ବାହିନୀଙ୍କ ଦ୍ୱାରା ଚଳାଉଥିଲେ । ଯହିଁରେ ଲୋକେ ଚୌଥ ଦେଇ ଦେଇ ଥକତ ହେଉଥିଲେ । ଚୌଥ ଅର୍ଥ ରୋଜଗାର ଅମଳର ୪ ଭାଗରୁ ଏକ ଭାଗ । ଚାଷୀ ବଣିକ ବେପାରୀ ପ୍ରାଣାନ୍ତକରେ ପଡ଼ି ଯେତେ ସତ କହିଲେ ବି, ବର୍ଗୀ ସେନା ନିଷ୍ଠୁର ସେମାନେ ଲୋକଙ୍କ ଶିଶୁପିଲା ଯୁବତୀ କନ୍ୟାକୁ କବଜ୍ଜା କରି ନେଇ ପଣ ସ୍ୱରୂପ ସର୍ବଧନ ଲୁଟ କରୁଥିଲେ । ବଙ୍ଗ ନବାବୀ କୁ ବର୍ଗୀ ନେତା ତଛନଛ କରିଦେଇଥିଲେ ସିରାଜ ଉଦ୍ଦୌଲା କଟକ ଆସି ଭାସ୍କର ପଣ୍ଡିତଙ୍କ ରଣନୀତିରେ କୌଣସି ମତେ ପ୍ରାଣ ବ*ାଇ ଖସି ଯାଇଥିଲେ ବର୍ଗୀ ଅଇଲାରେ । ପିଲାଙ୍କୁ ରାତ୍ରୀରେ ଅଝଟ ବେଳେ କହି ତୁନି କରି ଦିଆଯାଉଥିଲା । ଭାସ୍କର ପଣ୍ଡିତ ଥିଲେ ବ୍ରାହ୍ମଣ । ରାଜା କହିଲେ କ୍ଷେତ୍ରପତିଙ୍କୁ ବୁଝାଏ । କ୍ଷେତ୍ରକୁ ଯଦି ଫିଲ୍ଡ କୁହାଯାଏ ତେବେ କାଗଜପତ୍ରରେ ଦସ୍ତଖତ କରି ରାଜ କରୁଥିବା ବ୍ୟକ୍ତିମାନେ ଚତଂର୍ଗ କରି କ[କବଲାରେ ଜମି ହଡ଼ପ କରୁଥିଲେ । କୁସୀଦ ବାଣିଜ୍ୟରେ ଅନେକ ବ୍ରାହ୍ମଣ ଏପରି ଟଙ୍କା ବ୍ୟବସାୟ କରି ଅମାପ ସମ୍ପତି ହାସଲ ଅତୀତରେ କରିଛନ୍ତି । ଆମେ ଦେଖୁଛେ ସମସ୍ତେ ଏକାପରି ମାଆ ଠାରୁ ଜନ୍ମ ହେଲେ କେମିତି ଧନୀ ଦରିଦ୍ର ବ୍ୟବଧାନ ସର୍ବତ୍ର ରହିଛି । କିଏ ଲୁଟ ନ କଲେ କେବେ ପାରମ୍ପରିକ ସ୍ତରରୁ ଧନୀ ହୋଇନପାରନ୍ତି । ଲୋକଙ୍କ ପାଇଁ ସେ କିଛି କରିପାରନ୍ତି ବୋଲି ଲୋକେ ମାନ୍ୟଗଣରେ ତାଙ୍କୁ ରଖିଥିଲେ । ହେଲେ ଲୋକଙ୍କ ଦୁର୍ବଳତାର ସେଥିରୁ ଅନେକ ଫାଇଦା ଉଠାଉଥିଲେ । ଯେ ରାଜଶକ୍ତି ବହୁ ପ୍ରଜାଙ୍କୁ ଶାସନ ପାଇଁ କିଛି ସିଆଣଶ ଲୋକ ପ୍ରତିନିଧି ଖୋଜି ଖୋଜି ଗ୍ରହଣ କରୁଥିଲେ । ସିଆଣାମାନେ ଭୟ ଦେଖାଇ ଆତଙ୍କିତ କରି ରାଜାକୁ ବୁଦ୍ଧିରେ ବଶୀଭୂତ କରି ଏକ ସମାନ୍ତର ପ୍ରଶାସନ ଚଳାଇ ପାରୁଥିଲେ । ବ୍ରିଟିଶମାନେ ବଣିକ ଜାତି, କମ୍ପାନୀ ଗଢ଼ି ବଣିକ ବୃତି ପାଇଁ ମୋଗଲ ପ୍ରଶାସନ ବେଳେ ପ୍ରବେଶ କରି ଏପରି ବଢ଼ି ବଢ଼ି ଦେଶରେ ରାଜ କରିବସିଲେ । ନିତ୍ୟ ବ୍ୟବହାର୍ଯ୍ୟ ଲୁଣକୁ ଛାଡ଼ିଲେ ନାହିଁ ସେ ପାଇଁ ଶେଷରେ ଲବଣ ସତ୍ୟାଗ୍ରହରେ ସେ ଦେଶ ପ୍ରଶାସନରୁ ବିତାଡ଼ିତ ହେବା ସ୍ତର ଆସିଥିଲା । ବିଦେଶୀ ବର୍ଜନ ସ୍ୱରଟ ଗାନ୍ଧିଜୀ କହୁଥିଲେ ବି କେବଳ ସ୍ୱାବଲମ୍ବୀ ହେବାକୁ ଚେଷ୍ଟା ଦର୍ଶାଉଥିଲେ । ମାତ୍ର ଗାନ୍ଧିଜୀ ନିଜେ ଦେଶରେ ସର୍ବତ୍ର ପଦଯାତ୍ରା କରିବା ଜଣାପଡ଼ିଲେ ବି ଦୂରାନ୍ତରୁ ସେ ମଟର ଯାନରେ ରେଳଗାଡ଼ିରେ ଆସୁଥିଲେ ତାଙ୍କର ବାସଭୂମି ଗୁଜୁରାଟରୁ ଦିଲ୍ଲୀ କେତେଥର ସେ ପାଦରେ ଚାଲି ଚାଲି ଆସିଥିଲେ । କହିଦେବା ସହଜ କାର୍ଯ୍ୟରେ ପରିଣତ କରିବା ଅନେକ କଷ୍ଟ । ଏହି ବିଦେଶୀ ଜିନିଷରେ 'ମଦ' ଏକ ବିଶେଷ ରାଜକର ଆଦାୟ ଦ୍ରବ୍ୟ । ଆମ ରାଜ୍ୟର ପାଖ ବିହାରରେ ବହୁ ସ୍ଥଳରେ ସାଇନବୋର୍ଡ଼ ଦେଖିବାକୁ ମିଳିବ 'ବିଦେଶୀ ଦାରୁର ଦୋକାନ' ଅଙ୍ଗେଜୀ ମଦ୍ୟ ବା ବିଲାତି ମଦ୍ୟ ଏପରି ଲୋକବାକ ଅଛି ।

ଆର୍ଯ୍ୟୁବେଦର ଔଷଧ ଗଛଲତାର ଚେରମୂଳ ଫଳ ଫୁଲ, ଛାଲି, ପତ୍ରରୁ ମିଳୁଥିଲା । କିନ୍ତୁ ଏମିତି ସମୟ ଏହାକୁ ରଦ୍ଧ କରି ବିଦେଶୀ ଫର୍ମୁଲାର କେମିକାଲ ଔଷଧକୁ ଏଦେଶରେ ଚାପି ଦିଆଯାଇଛି । ବୈଦ୍ୟ କିରାଜ ହାକିମ ଚିକିତ୍ସା ସମ୍ପୂର୍ଣ୍ଣ ଗୌଣରେ ସମୟ ଚାଲିଛି । ଅଥଚ ବୈଦିକ, ଅଥର୍ବବେଦର ଆର୍ଯ୍ୟୁବେଦ ଚିକିତ୍ସା ଚରକ ସୁକୃତ ଅଗ୍ନିବେଶ ଜୀବନ ବଙ୍ଗସେଙ୍କ ପ୍ରବର୍ତୀତ ମାର୍ଗ ଚିକିତ୍ସା । ପୁସ୍ତକ କେବଳ ପୋଥିଘରେ ସାଇତା ରହି ଆମେରିକାନ ଫର୍ମାକେପିଆର ଫର୍ମୁଲାରେ ଔଷଧ ତିଆରି ଚାଲିଛି । ମା*ଷ୍ଟରର ଲୁଗା ଏ ଦେଶରେ ଲୋକପ୍ରିୟ ଦ୍ରୁତ ହେଲା ଗାନ୍ଧିଜୀଙ୍କ ଖଦଡ଼ ଧୋତି ଲୁଗା ଗାମୁଛା ସେତେବେଳେ ସ୍ୱଦେଶୀ ଆଦୃତ ହେଉଥିଲା । ଗାନ୍ଧିଜୀ ଯୁଗ ସରିଲା ଦେଖ ଗୁଜୁରାଟରେ ହିଁ ବସ୍ତ୍ର ତିଆରି କାରଖାନା ଯାହାର ଯନ୍ତ୍ରପାତି କଳକବଜ୍ଜା ସେହି ବିଦେଶରୁ ଆମଦାନୀ ପ୍ରଥମ ପ୍ରଥମ ହୋଇଛି । ଦେଶରୁ ଠକ ଠକି ତନ୍ତ ଏବେ ବିଲୁପ୍ତ ସତ୍ପା ବଜାରରେ ମିଳୁନାହିଁ । କପାଚାଷ ସର୍ବତ୍ର ହେଉଥିଲା ଝୋଟ ପାଇଁ ନଳିତା ଚାଷ ହେଉଥିଲା ଏହା କେବେ କାଁ ଭାଁ ଦେଖାମିଳେ ମାତ୍ର ବ୍ୟାପକ କାହିଁ ଚଟକଳ ଝୋଟ ଗୋଦାମ ସ୍ୱପ୍ନ । ମଧୁବାବୁ ସ୍ୱଦେଶୀ ଯୋତା ଚପଲ ନିର୍ମାଣ ଆରମ୍ଭ କରି ବିଦେଶରେ ଚହଳ ପକାଇଥିଲେ । ଏପରି ହେଲା ଏପରି ବିଜ୍ଞ ଲୋକଙ୍କୁ ବିଦେଶୀ କୁଟନୀତି ସର୍ବସ୍ୱ ସାରି ଦେଓ୍ୱାଳିଆ କରିଦେଇଥିଲା । ଏବେ ଯୋତା ଚପଲ ପାଦେ ପାଦେ ଦେଖ ବିଦେଶୀ ବାଟା କମ୍ପାନୀର ଚମତ୍କାର । ଚିନା କଣ୍ଢେଇ ଜାପାନୀ ଖେଳନା ଘରେ ଘରେ ଖାଦ୍ୟ ଦେଖ, ଝୋଳ କାଞ୍ଜି ସୁପ ରସମ୍ । ତରକାରୀ ସମ୍ବର, ଉଡୁଗୀ, ମାଡ୍ରାସୀ ଆନ୍ଧ୍ରା, ଗୁଜୁରାଟୀ ଥାଳୀ ପରିପୂର୍ଣ୍ଣ ଭୋଜନ ଦ୍ରବ୍ୟ ପସନ୍ଦ । ଝିଅମାନେ ପ୍ରଜାପତି ପରି ରଙ୍ଗିଲା ପୋଷାକରେ ପରି ପରି ସଜେଇ ହୋଇଛନ୍ତି । ବିଉଟି ପାର୍ଲାର ସବୁ ବିଦେଶୀ ଆକର୍ଷଣ । ତତ୍କାଳ କିଶୋର ମାନେ ବାନର ସେନା ଆଖ୍ୟା ପାଇ ବିଦେଶୀ ମଦ ଦୋକାନ ରଦ୍ଧ ପାଇଁ ପିକେଟିଂ କରି ବ୍ରିଟିଶ ପୁଲିଶ ଦ୍ୱାରା ଲାଠି ପ୍ରହାର କେତେ ଖାଇବି ଫିକେଟରୁ କ୍ଷାନ୍ତ ନଥିଲା ଏବେ ଦେଶ କିଶୋର ଯୁବକରୁ ବିଦେଶୀ ମଦ୍ୟ ଆମୋଦି ପାନୀୟ ଏସବୁ ପ୍ରକାଶ୍ୟ ଦିବାଲୋକରେ ବିକ୍ରୀ । ଏସବୁ ଲୁଟର ଦିଗ ଏଥିରେ ବ୍ରାହ୍ମଣ ବିଜ୍ଞ ଶାସ୍ତ୍ରରେ ଇକୋନୋମିକ ବୁଦ୍ଧି ରାଜା ଆହରଣ କରିଛନ୍ତି । ଖଂଟ ପ୍ରବତିରେ ତୁହାତୁହା ଦ୍ରବ୍ୟ ମୂଲ୍ୟକୁ କେବେ ହ୍ରାସ କରି କେବେ ବୃଦ୍ଧିକରି ଲୋକଙ୍କୁ ତଛନଛ କରାଯାଉଛି । ହଟ ଚମ୍ପେଟ ବିଦ୍ୟାରେ ଲୋକ ଚାହିଁ ଜଳକା । ସୁନା ପହଂଚିଗଲା ଲକ୍ଷେ ଉର୍ଦ୍ଧଟଙ୍କାରେ ଦଶଗ୍ରାମ, ଇନ୍ଦିରାଜୀ କହିଥିଲେ 'ଗରିବ ହଟାଅ' ଗରିବ ଲୋକଟିଏ କନ୍ୟା ବିବାହ କେମିତି କରାଇବ ? ନିହାତି ମଙ୍ଗଳସୂତ୍ରଟିଏ ତ ଦେବ ? ଏହା କ'ଣ ସମସ୍ୟା ନୁହଁ 'ବେଟୀ ବଚାଓ ବେଟୀ ପଢ଼ାଓ' ଏ ନାରା ସହିତ ବେଟୀ ସାଦିକୁ ସରକାର ହଏ ଏକଥା କେବେ କୁହାଯିବ । ପରିବହନ ସେବାରେ ରାଜା ଓ ବଣିକ ଲିପ୍ତ ଥିଲେ ଏବେ ଅଛନ୍ତି । ରେଳବାଇ ଏବେ ବଡ଼ଜମିଦାରରେ ଜମିଦାର ବ୍ରାହ୍ମଣ ରାଜା ପରି ଖଂଟ ପ୍ରଜାପରି କାହାକୁ ଛାଡୁ ନାହାଁନ୍ତି । ପୂର୍ବେ ଭାରତରେ ଯାତ୍ରୀଙ୍କୁ ତିନି ପ୍ରକାର ଧରାଯାଉଥିଲା ଏବେ ଅନେକ ପ୍ରକାର ପଇସା ଫେଙ୍କୋ ତାମସା ଦେଖୋ ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Wednesday August 20 | ଭୁବନେଶ୍ୱର ବୁଧବାର, ୨୦, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



# ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ଗାଇଗୋରୁଙ୍କ ଅବାଧ ପ୍ରବେଶ : ଦୁର୍ଘଟଣାରେ ଅନେକ ଗାଈ ଗୁରୁତର ଆହତ

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ଏକ ସ୍ପର୍ଶକାତର ଓ କଡା ସୁରକ୍ଷିତ ଅଞ୍ଚଳ ହୋଇଥିବା ବେଳେ ଏଠାରେ ଦୈନିକ ଜାହାଜରେ ପଣ୍ୟ ବୋଝେଇ ଓ ଖଲାସ କାର୍ଯ୍ୟ ସମେତ ବିଭିନ୍ନ ଭାରି ଯାନରେ ପଣ୍ୟ ଆନ୍ତଃ ପରିବହନ,ଦୈନିକ ପଣ୍ୟବାହୀ ଟ୍ରେନ ଚ଼ଳାଚ଼ଳ ସହ ବହୁ ଭାରୀ ଯାନ୍ତ୍ରିକ ଯାନ କାର୍ଯ୍ୟ କରିଥାଏ । ଏତଦବ୍ୟତୀତ ବନ୍ଦର ନିଷିଦ୍ଧାଞ୍ଚଳର ସୁରକ୍ଷା ପାଇଁ ଏହାର ଚ଼ତୁଃପାର୍ଶ୍ୱରେ ବିରାଟ ସୁଦୃଢ ପାଚେରୀ ଓ ସମସ୍ତ ତନଖି ପାଇଁ ୫ ଟି ଫାଟକ ରହିଥିବା ବେଳେ ଏଥିରେ କେନ୍ଦ୍ରୀୟ ସୁରକ୍ଷା ବଳ (ସିଆଇଏସଏଫ) ର ଯବାନ ମାନେ ମୃତୟନ ହୋଇଛନ୍ତି । ଏଥିସହ ନିଷିଦ୍ଧାଞ୍ଚଳ ମଧ୍ୟରେ ସିଆଇଏସଏଫ ର ପାଟ୍ରୋଲିଙ୍ଗ ଟିମ ନିୟମିତ ଭାବେ ବୁଲି ସୁରକ୍ଷା ପ୍ରକ୍ରିୟାକୁ ଯାଞ୍ଚ କରିଥାନ୍ତି । ତେବେ ଏତେ କଡ୍ଡା ସୁରକ୍ଷା ସତ୍ୱେ ଏହା ଭିତରକୁ ବୁଲା ଗାଇ ଗୋରୁ କିପରି ପଶୁଛନ୍ତି ଏବଂ ଏଠାରେ ଦୀର୍ଘ ଦିନ ବିଚ଼ରଣ କରୁଛନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିବା ସହ ସୁରକ୍ଷା କର୍ମୀଙ୍କ ପାରିବା ପଣିଆ ଉପରେ ପ୍ରଶ୍ନବାଚ଼ୀ ସୃଷ୍ଟି କରିଛି । ତେବେ ନିଷିଦ୍ଧାଞ୍ଚଳରେ ଏହି ଗାଇଗୋରୁ ମାନଙ୍କ ଅବାଧ ପ୍ରବେଶ ଓ ବିଚ଼ରଣ ପାଇଁ ଅନେକ ସମୟରେ ଟ୍ରେନ ଲାଇରେ ଧକ୍କା ହୋଇ ବହୁ ଗାଈଗୋରୁ ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ଆହତ ଅବସ୍ଥାରେ ନିଃସହାୟ ଭାବେ ପଡିରହିଥିବା ଦୃଶ୍ୟ ଅତି ହୃଦୟ ବିଦାରକ ହୋଇପଡିଛି । ତେବେ କିଛି ସହୃଦୟ ବନ୍ଦର କର୍ମଚ଼ାରୀ ଏହି ଆହତ ଗୋରୁ ମାନଙ୍କୁ ଆଶୁ ଚ଼ିକିତ୍ସା କରାଇବା ସହ ଏହି ଅସହାୟ ଗାଇ ମାନଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ସେମାନେ କ୍ଷୋଭର ସହ କହିଛନ୍ତି । ସେହିପରି ବନ୍ଦର ସହରାଞ୍ଚଳର ବିଭିନ୍ନ କଲୋନୀ ଓ ମୁଖ୍ୟ ରାସ୍ତା ମାନଙ୍କରେ ବୁଲା ଗାଇ ଷଣ୍ଡଙ୍କ ଅବାଧ ବିଚ଼ରଣ ଓ ଗୈରାମ୍ୟ ବୃଦ୍ଧି ପାଇ ସାଧାରଣରେ ଧନ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି । ତେବେ ଏଥିପ୍ରତି ତୈ୍ୟ ପାରାଦୀପ ଓ ପୌର ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଦାବୀ ହେଉଛି ।



# ସ୍ୱାମୀ ପ୍ରଣବାନନ୍ଦ ପାଠାଗାର ଉଦଘାଟିତ

ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ଅନ୍ତର୍ଗତ ପରିଛଳ ସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୂଳ ପରିସରରେ ସ୍ୱାମୀ ପ୍ରଣବାନନ୍ଦ ସରସ୍ୱତୀ ଗ୍ରନ୍ଥାଗାର ଉଦଘାଟିତ ହୋଇଛି । ଏଥିରେ ଗୁରୁକୂଳ ଆଶ୍ରମର ପ୍ରତିଷ୍ଠାତା ତଥା ବିଶିଷ୍ଟ ବିଦ୍ୱାନ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ବାଙ୍ଗାଲୋର ସ୍ଥିତ କମ୍ବିଅମ୍ ନେଟୱାର୍କର ଉପ ସଭାପତି ଶ୍ରୀ ବିଜୁ କୁଞ୍ଜୁକୁଞ୍ଜୁ ମୁଖ୍ୟ ଅତିଥି,ନେଟୱାର୍କର ବରିଷ୍ଠ ନିର୍ଦ୍ଦେଶକ ସନ୍ଦୀପ କୁମାର ବିଶ୍ୱାଳ ମୁଖ୍ୟବକ୍ତା,ଭାବେ ଯୋଗ ଦେଇ ବିଦ୍ୟାର୍ଥି ମାନେ ପୁସ୍ତକ ଅଧ୍ୟୟନ ଦ୍ୱାରା ଉତ୍ତମ ଜ୍ଞାନ ଆହରଣ କରି ପାରିବେ ବୋଲି ମତ ପ୍ରକାଶ କରିଥିଲେ । ସଭାର ପ୍ରାରମ୍ଭରେ ସମ୍ପାଦକ ଦୁଷ୍ମନ୍ତ କୁମାର ସ୍ୱାଇଁ ଅତିଥି ପରିଚ଼ୟ ଓ କୋଷାଧ୍ୟକ୍ଷ ହରିଶ୍ଚନ୍ଦ୍ର ଚ଼ଣ୍ଡ ସ୍ୱାଗତ ଭାଷଣ ଦେଇଥିଲେ ପ୍ରଦାନ କରିଥିଲେ । ଟ୍ରଷ୍ଟି ପ୍ରବୀର୍ ମଲ୍ଲିକ, ରତିକାନ୍ତ ସୁନ୍ଦରାୟ ଓ ସାଧକ ଗୋପାଳ ଜୀ ପ୍ରମୁଖ ଉପସ୍ଥିତ ରହିଥିଲେ । ଶେଷରେ ଅଧ୍ୟକ୍ଷ ପ୍ରତାପ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।




# ମନ୍ଦିର ନିର୍ମାଣ ପାଇଁ ସାହାଯ୍ୟର ହାତ ବଢାଇଲେ ଡ. ଅଚ୍ୟୁତ ସାମନ୍ତ

ବାଲିଅନ୍ତା,(ପି.ଏନ): ସୋମବାର ସକାଳ ସମୟରେ ଶ୍ରୀ ଶ୍ରୀ ପରଂବ୍ରହ୍ମ ଜଗନ୍ନାଥ ମନ୍ଦିର ଟ୍ରଷ୍ଟର କୋଷାଧ୍ୟକ୍ଷ ଚ଼କ୍ରଧର ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ବିଶିଷ୍ଟ ଶିକ୍ଷାବିତ୍, କିଟ ଓ କିମିସର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ତାଙ୍କର ଭୁବନେଶ୍ୱର ସ୍ଥିତ ବାସଭବନରେ ସାକ୍ଷାତ କରିଥିଲେ । ଶ୍ରୀ ସୁଦର୍ଶନ ଦାରୁପୀଠରେ ନିର୍ମିତ ଜଗନ୍ନାଥ ମନ୍ଦିରର ପୂର୍ଣ୍ଣାଙ୍ଗ ଓ ତାର ପାରିପାର୍ଶିକ ବିକାଶ ପ୍ରସଙ୍ଗରେ ଆଲୋଚ଼ନା କରିଥିଲେ । ଆଉ ମଧ୍ୟ ଦାରୁପୀଠକୁ ଆସିବା ପାଇଁ ନିମନ୍ତ୍ରଣ କରାଯାଇଥିଲା । ମନ୍ଦିର ନିର୍ମାଣ ପାଇଁ ଆର୍ଥିକ ସହଯୋଗ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ । ସାକ୍ଷାତ ସମୟରେ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ରଞ୍ଜନ ମହାପାତ୍ର, ପ୍ରକୁତୀବନ୍ଧୁ ଦୀନବନ୍ଧୁ ଭୋଇ, ଭାଗ୍ୟଧର ସାହୁ, ଲକ୍ଷ୍ମଣ ଜେନା ଓ ଚ଼ନ୍ଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରବାସୀ ମୁମ୍ବାଇରୁ ଗୁଗଲ ମିଟରେ ସ୍ୱାଧୀନତା ଦିବସ କବିତା ଆସର

ମୁମ୍ବାଇ ,(ପି.ଏନ): ପ୍ରବାସୀ ଉତ୍କଳ ସାହିତ୍ୟ ସଂସ୍ଥା ମୁମ୍ବାଇ ତରଫ ରୁ ୧୬ତାରିଖ ଶନିବାର ସନ୍ଧ୍ୟା ରେ ଗୁଗଲ ମିଟ ରେ ୭୯ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଦେଶାତ୍ମକ ବୋଧ ସଙ୍ଗୀତ, ଜନ୍ମାଷ୍ଟମୀ ପାଇଁ କୃଷ୍ଣ ଙ୍କ ଭଜନ , ଏବଂ କବିତା ପାଠ ର ଆୟୋଜନ ହୋଇଯାଇଛି । ଛତିଶଗଡ ରୁ ଡ଼କ୍ଟର ବାମନ ଚ଼ନ୍ଦ୍ର ଦୀକ୍ଷିତଙ୍କ ସଭାପତିତ୍ୱ ରେ ପରିଚ଼ାଳିତ ସଭା କାର୍ଯ୍ୟ ଦେଶ ପ୍ରେମର ରଙ୍ଗର ଝଲସି ଥିଲା । ପ୍ରବାସୀ ରୁ ମୈତ୍ରେୟୀ କମିଳା ଙ୍କ ପରିଚ଼ାଳନା ରେ କାର୍ଯ୍ୟକ୍ରମ ରେ ଦେଶ ର ବିଭିନ୍ନ ସ୍ଥାନରୁ ଯୋଗ ଦେଇଥିଲେ । ହାଇଦ୍ରାବାଦ ରୁ ଗୁରୁ କବି ସ୍ୱର୍ଗତ ସୋମନାଥ ରାଜଗୁରୁ ଙ୍କ ପୁତ୍ର ଶଶିକାନ୍ତ ରାଜଗୁରୁ ଙ୍କ ସୁଲଳିତ ସ୍ୱର ରେ ଭଜନ ପରିବେଷଣ ରେ ସମସ୍ତେ ମୁଗ୍ଧ ହୋଇଥିଲେ । କଳ୍ପନା ମିଶ୍ର, ନୀଳିମା ରାଜଗୁରୁ,ସୁରଥ ପଣ୍ଡା, ଡ଼କ୍ଟର ବିଚ଼ିତ୍ରା ମଞ୍ଜରୀ ତ୍ରିପାଠୀ, ତେଲେଙ୍ଗାନା ରୁ ଅରୁଣ ମହାପାତ୍ର,ଓଡିଶା ରୁ ସଲୀଳା ମହାନ୍ତି,ସୁଶୀଳା ମିଶ୍ର, ହିଶିତ ମିଶ୍ର, ପୂର୍ଣ୍ଣିମା ପଣ୍ଡା,ରଞ୍ଜନ ମିଶ୍ର, ଶର୍ମିଳା ମିଶ୍ର କଲିକତାରୁ ସନାତନ ମହାକୁଡ଼, ଆମେରିକାରୁ ଚ଼ନ୍ଦ୍ରା ମିଶ୍ର, ଓଡିଶାରୁ ଶାନ୍ତି ଲତା ତିଆଡ଼ି, ଜ୍ୟୋତିପ୍ରଭା ପଟ୍ଟନାୟକ,ଶୁଭଶ୍ରୀ ପଟ୍ଟନାୟକ, ଭବାନୀ ଶଙ୍କର ପଟ୍ଟନାୟକ ଯୋଗଦେଇ କବିତା ପାଠ ଏବଂ ସଙ୍ଗୀତ ପରିବେଷଣ କରିଥିଲେ ।

# ମାର୍କେଟ ବିଲିଡିଙ୍ଗ୍‌ର ପଛ ପଟରେ ଜୟ ଜଗନ୍ନାଥ ସପିଙ୍ଗ୍ ବଜାର ଉଦ୍‌ଘାଟିତ

ଭୁବନେଶ୍ୱର,(ପି.ଏନ): ଆଜି ୟୁନିଟ୍ -୨ ସ୍ଥିତ ମାର୍କେଟ୍ ବିଲିଡିଙ୍ଗ୍ ପଛ ପାଖରେ ଜୟ ଜଗନ୍ନାଥ ସପିଙ୍ଗ୍ ବଜାର ଉଦ୍‌ଘାଟିତ ହୋଇଯାଇଛି । ଏହି ସପିଙ୍ଗ୍ ବଜାରରେ ମୋଟ୍ ୪୩ଟି ବିଭିନ୍ନ ଦୋକାନ ରହିଛି । ଉକ୍ତ ସପିଙ୍ଗ୍ ବଜାରରେ ଥିବା ପ୍ରମୁଖ ଦୋକାନ ଗୁଡିକ ହେଉଛି- ବ୍ୟାଗ୍ ଦୋକାନ, ଚୂଡି ଦୋକାନ, ଡ୍ରେସ୍ ଦୋକାନ, କପଡା ଦୋକାନ, ଲେଡିଜ୍ କର୍ଣ୍ଣର, ଇମିଟେସନ୍ ଦୋକାନ, ଗର୍ଟ ଦୋକାନ, ଟି ଅଣ୍ଡ ଟିଫିନ୍ ଦୋକାନ, ଫୁଟ୍ ୱେୟାର୍ ଦୋକାନ, ଜୁଏଲାରୀ ଦୋକାନ, କସ୍‌ମେଟିକ୍ସ ଦୋକାନ, ଲେଦର୍ ଗୁଡସ୍ ଦୋକାନ, ପ୍ଲାଷ୍ଟିକ୍ ଫ୍ଲାୱାର୍ ଦୋକାନ, ଫାଷ୍ଟ ଫୁଡ୍ ଦୋକାନ ଏବଂ ହୋମ୍ ଆପ୍ଲିଆନ୍‌ସେସ୍ ଇତ୍ୟାଦି । ଏହି ଉଦ୍‌ଘାଟନୀ ଉତ୍ସବରେ ସପିଙ୍ଗ୍ ବଜାରର ସମ୍ପାଦକ ପବିତ୍ର ହେହେରା ଓ ସଭାପତି କିଶାନ ପାତ୍ର ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇମାନ୍, ସୁନିଲ ସାହୁ, ଆଲୋକ ସ୍ୱାଇଁ ଏବଂ ସୁବାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



# ଏସିଆନ ଇନଷ୍ଟିଚ୍ୟୁଟ ଅଫ୍ ନେଫେ୍ରାଲୋଜି ଆଣ୍ଡ ୟୁରୋଲୋଜି (ଏଆଇଏନୟୁ) ପକ୍ଷରୁ ନୂଆ ହସ୍ପିଟାଲ ଉଦ୍‌ଘାଟିତ

ରାଉରକେଲା ,(ପି.ଏନ): ୟୁରୋ-ନେଫ୍ରୋ କେୟାର ଉପରେ କେନ୍ଦ୍ରିତ ଭାରତର ସର୍ବବୃହତ ସିଙ୍ଗଲ-ସ୍ପେଶାଲିଟି ଚେନ, ଏସିଆନ ଇନ୍‌ଷ୍ଟିଚ୍ୟୁଟ ଅଫ ନେଫ୍ରୋଲୋଜି ଆଣ୍ଡ ୟୁରୋଲୋଜି (ଏଆଇଏନୟୁ) ହାଇଦ୍ରାବାଦର ବାରା ହିଲ୍‌ସଠାରେ ଏହାର ନୂତନ ହସ୍ପିଟାଲର ଶୁଭାରମ୍ଭ ସହିତ ଏକ ବଡ ସଫଳତାକୁ ଚିହ୍ନିତ କରିଛି । ଏହି ଫ୍ଲାଗସିପ ହସ୍ପିଟାଲରେ ୧୫୦ଟି ବେଡ, ୪ଟି ଅପରେଟିଂ ରୁମ୍, ୩୫ ଟି ଡାଏଲିସିସ ବେଡ୍‌ର ମିଳିତ କ୍ଷମତା ଏବଂ ଜଟିଳ ୟୁରୋଲୋଜି ଓ ନେଫ୍ରୋଲୋଜି ସର୍ଜରୀଗୁଡିକ ପାଇଁ ନୂତନ ପିଢିର ରୋବୋଟିକ ଟେକ୍ନୋଲୋଜି ରହିଛି, ଯାହା ଏହାକୁ ଭାରତରେ ଏହି ସିଙ୍ଗଲ ସ୍ପେଶାଲିଟି କ୍ଷେତ୍ରରେ ସର୍ବବୃହତ କର୍ପୋରେଟ ହସ୍ପିଟାଲରେ ପରିଣତ କରୁଛି । ଏସମ୍ପର୍କରେ ଏଆଇଏନୟୁ ଅଧ୍ୟକ୍ଷ ତଥା ଚିଫ କନସଲଟାଂଟ ୟୁରୋଲୋଜିଷ୍ଟ ଡା ମଲ୍ଲିକାର୍ଜୁନ କହିଛନ୍ତି, 'ୟୁରୋଲୋଜିକାଲ ସମସ୍ୟା ଥିବା ରୋଗୀମାନଙ୍କ ପାଇଁ ଚିକିତ୍ସାକୁ ରୂପା'ରଣ କରିବା କ୍ଷେତ୍ରରେ ବୈଷୟିକ ଉଦ୍ଭାବନ ଓ ଅଗ୍ରଗତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ରୋବୋଟିକ ସର୍ଜରୀ, ଏଣ୍ଡୋସ୍କୋପିକ ଓ ଲାପାରୋସ୍କୋପିକ ସର୍ଜରୀ, ୩ଡି ଇମେଜିଂ ଏବଂ ଆର୍ଟିଫିସିଆଲ ଇଂଟେଲିଜେନ୍ସ (ଏଆଇ) କ୍ଷେତ୍ରରେ ଅଗ୍ରଗତି ୟୁରୋଲୋଜି କ୍ଷେତ୍ରକୁ ନୂଆ ରୂପ ଦେଉଛି ଏବଂ ଅସ୍ତ୍ରୋପଚାର ପଦ୍ଧତିଗୁଡିକର ସଠିକତା ଓ ପ୍ରଭାବକୁ ବୃଦ୍ଧି କରୁଛି । ନୂଆ ଏଆଇଏନୟୁ ବାରା ହସ୍ପିଟାଲ ୟୁରୋ-ନେଫ୍ରୋ କେୟାର କ୍ଷେତ୍ରରେ ଆମର ୧୨ ବର୍ଷର ବିରାସତ ଏବଂ ଆମର ଚିକିତ୍ସକୀୟ ବୁଦ୍ଧିମତାର ଏକତ୍ରୀକରଣକୁ ଆଗକୁ ଆଣିଛି, ଯାହା ରୋଗୀଙ୍କୁ ଦ୍ରୁତ, ସୁରକ୍ଷିତ ଓ ଅଧିକ ସଠିକ ଚିକିତ୍ସା ପ୍ରଦାନ କରିବା ପାଇଁ ଅତ୍ୟାଧୁନିକ ଟେକ୍ନୋଲୋଜି ଦ୍ୱାରା ଉନ୍ନତ ହୋଇଛି । 'ଏଆଇଏନୟୁର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ପିସି ରେଡ୍ଡୀ କହିଛନ୍ତି, 'ଏଆଇଏନୟୁ ବାରା ହସ୍ପିଟାଲର ବିସ୍ତାର ସହିତ ଆମେ ୟୁରୋ-ଅଙ୍କୋଲୋଜି, ଆଣ୍ଡ୍ରୋଲୋଜି, ପେଡିଆଟ୍ରିକ ୟୁରୋଲୋଜି ଓ ଫିମେଲ ୟୁରୋଲୋଜି ଭଳି କ୍ଷେତ୍ରରେ ୟୁରୋଲୋଜି ଓ ନେଫ୍ରୋଲୋଜିରେ ସବ୍-ସ୍ପେଶାଲିଟି କେୟାର ପାଇଁ ଏକ କେନ୍ଦ୍ରିତ ପଦ୍ଧତି ଆରମ୍ଭ କରିଛୁ । ପ୍ରତ୍ୟେକ ଉଚ୍ଚ ପ୍ରଶିକ୍ଷିତ ଓ ଦକ୍ଷ ଚିକିତ୍ସକ ୧୦ ବର୍ଷର ହାରାହାରି ଅନୁଭୂତି ସହ ଏଠାକୁ ଆସିଛନ୍ତି ଯିଏ ପ୍ରତ୍ୟେକ ରୋଗୀଙ୍କ ପାଇଁ ସର୍ବୋତମ ଶ୍ରେଣୀର ଚିକିତ୍ସା ପ୍ରଦାନ କରୁଛନ୍ତି । ଆମେ ମଧ୍ୟ ରୋଗକୁ ପ୍ରତିରୋଧ କରିବା ଉପରେ ଅନେକ ଗୁରୁତ୍ୱ ଦେଉଛୁ ଏବଂ ଆମେ ବିଶ୍ୱାସ କରୁଛୁ ଯେ, ଶୀଘ୍ର ଚିହ୍ନଟ ହେବା ଦ୍ୱାରା ଆମେ କିଛି ରୋଗକୁ ଭଲ କରିପାରିବା ଏବଂ ଅନ୍ୟ ରୋଗଗୁଡିକର ପ୍ରଗତିକୁ ମନ୍ଥର କରିବାରେ ସାହାଯ୍ୟ କରିପାରିବା । ଏହାକୁ ଧ୍ୟାନରେ ରଖି ଏଆଇଏନୟୁ ୟୁରିନ ବା ମୂତ୍ରରେ ପ୍ରୋଟିନ ହ୍ରାସ ହେବା ଓ ଉଚ୍ଚ ରକ୍ତଚାପର ପ୍ରାରମ୍ଭିତ ଲକ୍ଷଣଗୁଡିକୁ ଚିହ୍ନଟ କରିବା ପାଇଁ ତେଲେଙ୍ଗାନାର କିଛି ଗ୍ରାମରେ ମାଗଣା ସ୍କ୍ରିନିଂ କ୍ୟାମ୍ପ ଆରମ୍ଭ କରିଛୁ ।'ସେହିପରି ଏସିଆ ହେଲ୍‌ଥକେୟାର ହୋଲ୍ଡିଙ୍ଗ୍‌ସର କାର୍ଯ୍ୟକାରୀ ଅଧ୍ୟକ୍ଷ ବିଶାଲ ବାଲି କହିଛନ୍ତି, 'ଏସିଆନ ଇନଷ୍ଟିଚ୍ୟୁଟ ଅଫ୍ ନେଫ୍ରୋଲୋଜି ଆଣ୍ଡ ୟୁରୋଲୋଜି ମାଧ୍ୟମରେ ଆମେ ଏହି ବିଶେଷତା କ୍ଷେତ୍ରରେ ଭାରତର ଅଗ୍ରଣୀ ସିଙ୍ଗଲ-ସ୍ପେଶାଲିଟି ହସ୍ପିଟାଲ ନେଟୱର୍କର ନିର୍ମାଣ କରୁଛୁ, ଯାହା ଯୋଗ୍ୟ ଓ ଦକ୍ଷ ଚିକିତ୍ସକ ଏବଂ ଷ୍ଟେଟ-ଅଫ-ଦ-ଆର୍ଟ ଟେକ୍ନୋଲୋଜି ଦ୍ୱାରା ସମର୍ଥିତ ଅଟେ । ଏଆଇଏନୟୁ ୟୁରୋ-ନେଫ୍ରୋ କ୍ଷେତ୍ରରେ ସଠିକ ଚିକିତ୍ସାକୁ ପୁନଃବ୍ୟାଖ୍ୟା କରୁଛି ।' ଏଆଇଏନୟୁର ସିଇଓ ସନ୍ଦୀପ ଗୁଡୁରୁ କହିଛନ୍ତି, 'ବାରା ହସ୍ପିଟାଲ ଦେଶରେ ଆମର ଫ୍ଲାଗସିପ ହସ୍ପିଟାଲରେ ପରିଣତ ହେବାକୁ ଯାଉଛି । ଆମର ଲକ୍ଷ୍ୟ ହେଉଛି ଭାରତରେ ସବୁଠାରୁ ବିଶ୍ୱସନୀୟ ୟୁରୋଲୋଜି ଓ ନେଫ୍ରୋଲୋଜି ସିଙ୍ଗଲ-ସ୍ପେଶାଲିଟି ହସ୍ପଟାଲର ନିର୍ମାଣ କରିବା । ଆମେ ଆସ' । ୧୮ରୁ ୨୪ ମାସ ମଧ୍ୟରେ ଆଉ ୩ଟି ନୂଆ ହସ୍ପିଟାଲର ଶୁଭାରମ୍ଭ କରିବା ପାଇଁ ଯୋଜନା ରଖିଛୁ ।'



ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities



TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray